# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୭୧ (ଓଡ଼ିଆ ବୁଲେଟିନ୍) | ସପ୍ତାହ - ୩୬ | ତାରିଖ: ୦୪.୦୯.୨୦୨୫

## ଜିଲ୍ଲା – ସୋନପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୯.୦୮.୨୦୨୫ ରୁ ୦୪.୦୯.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୯ | ୩୦ | ୩୧ | ୦୧ | ୦୨ | ୦୩ | ୦୪ | ୨୯ | ୩୦ | ୩୧ | ୦୧ | ୦୨ | ୦୩ | ୦୪ | ୨୯ | ୩୦ | ୩୧ | ୦୧ | ୦୨ | ୦୩ | ୦୪ |
| ସୋନପୁର | 31 | 32 | 33 | 32 | 33 | 29 | 31 | 25 | 25 | 24 | 25 | 26 | 24 | 24 | 4.4 | 0.0 | 41.3 | 0.0 | 1.0 | 15.9 | 29.3 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୫-୦୯-୨୦୨୫ | ୦୬-୦୯-୨୦୨୫ | ୦୭-୦୯-୨୦୨୫ | ୦୮-୦୯-୨୦୨୫ | ୦୯-୦୯-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 20 | 12 | 8 | 7 | 6 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 32 | 32 | 32 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 25 | 25 | 25 |
| ମେଘ ଆବରଣ (ଓକଟା) | 7 | 6 | 5 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 92 | 92 | 91 | 91 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 68 | 66 | 64 | 61 | 62 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 3 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 165 | 220 | 225 | 240 | 236 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହ କିଛିଟା ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୩ ରୁ ୫ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ପ୍ରଚଳିତ ବର୍ଷା ଓ ପୂର୍ବ ଦିନଗୁଡିକରେ ହୋଇଥିବା ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ଠିଆ ଫସଲ କ୍ଷେତରେ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ ଏବଂ ଅନ୍ତଃଚାଷ କରିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ତଥା କ୍ଷେତରେ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଅଛି ।
- ସତର୍କ ଚେତାବନୀ ଦିଆଯାଇଥିବା ଅବଧି ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ଏବଂ ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ।
- ଚାଷୀଭାଇମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ

| ଆପ ର ବ୍ୟବହାର କରିପାରିବେ । | | |
|---|---|---|
| **ସଂକ୍ଷିପ୍ତ ଉପଦେଶ** | | |
| • ପୂର୍ବ ଦିନରେ ହୋଇଥିବା ମଧ୍ୟମ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଫଳ ଏବଂ ପନିପରିବା କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । | | |
| **ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ** | | |
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ବର୍ଷା ଦିନିଆ ଧାନ | ସକ୍ରିୟ ପିଲ ଅବସ୍ଥା | • ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଜଳସେଚନ କିମ୍ବା ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଚାଷୀଭାଇମାନେ ସେମାନଙ୍କ ଧାନ କ୍ଷେତକୁ କାଣ୍ଡ ବିନ୍ଧା, ପତ୍ର ମୋଡା, ବଂଗୀ ପୋକ ଇତ୍ୟଦୀର ଆକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକମାନଙ୍କ ସଂକ୍ରମଣ ପାଇଁ ଅନୁକୁଳ ଅଟେ । ପୂର୍ବ ଦିନଗୁଡାକରେ ପାଣିପାଗର ଯେଉଁ ସ୍ଥିତି ରହିଥିଲା ତାହା କ୍ଷେତରେ ବିଜାଣୁ ଜନିତ ପତ୍ର ପୋଡ଼ା କିମ୍ବା ପତ୍ରାଗାର ରୋଗର ପ୍ରାଦୁର୍ଭାବ ପାଇଁ ଅନୁକୁଳ ଅଟେ, ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି । |
| ମକା | ଅଂଗିୟ ଅବସ୍ଥା | • ପୂର୍ବ ଦିନଗୁଡିକରେ ପାଣିପାଗର ଯେଉଁ ସ୍ଥିତି ଥିଲା ତାହା ମକା କ୍ଷେତରେ କାଣ୍ଡବିନ୍ଧା ଓ ଫଲ ଆର୍ମି ୱର୍ମ ପୋକର ଆକ୍ରମଣ ପାଇଁ ଅନୁକୁଳ ଥିଲା, ତେଣୁ ଚାଷୀମାନଙ୍କୁ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. @ ୦.୪ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ % ଏସ୍.ଜି. @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ଭଲ ଭାବରେ ମିଶାଇ ବର୍ଷା ଛାଡ଼ିଲା ପରେ ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଆମ୍ବ | ଅଂଗିୟ ଅବସ୍ଥା (ନୂଆଁ ବଗିଚା) | • ପୂର୍ବ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ବଗିଚାରୁ ଅତିରିକ୍ତ ବର୍ଷା ପାଣି ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି ।<br>• କିଛି ଦିନ ପାଇଁ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।<br>• ବର୍ଷା ଛାଡ଼ିଲା ପରେ ରୋଗ ପୋକ ଆକ୍ରମଣ ବିରୁଦ୍ଧରେ ଗଛର ନିୟମିତ ନିରୀକ୍ଷଣ କରନ୍ତୁ । |
| ବାଇଗଣ ଓ ବିଲାତି ବାଇଗଣ | ଅଂଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ପ୍ରଚଳିତ ପାଗ ଯୋଗୁଁ ଆଗାମୀ ଦିନରେ କବକ ଜନିତ ରୋଗ ଆକ୍ରମଣର ସମ୍ଭାବନା ବୃଦ୍ଧି ହୋଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• କିଛି ଚାଷୀଭାଇଙ୍କ କ୍ଷେତରେ ଟମାଟୋରେ ଫଳ ବିନ୍ଧା ପୋକ ଏବଂ ବାଇଗଣ ଫସଲରେ ଫଳ ଏବଂ କାଣ୍ଡ ବିନ୍ଧା ପୋକର ଆକ୍ରମଣ ଦେଖାଯାଉଛି, ତେଣୁ ଏହି ପୋକମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆକାଶ ସଫା ଥିବା ସମୟରେ ସିଞ୍ଚନ କିମ୍ବା ଔଷଧର ପ୍ରୟୋଗ କରିବା ଉଚିତ ।<br>• ଆଗାମୀ ଦିନରେ କିଛିଟା ସ୍ଥାନରେ ମଧ୍ୟମ ବର୍ଷା ହେବାର ମଧ୍ୟ ସମ୍ଭାବନା ଥିବାରୁ ଚାଷୀଭାଇମାନେ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ।<br>• ପନିପରିବା ଫସଲରେ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରନ୍ତୁ । |
| ଗୋରୁ ଗାଈ ଓ ମଇଷି | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ବର୍ଷା ଛାଡ଼ିଲା ପରେ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ତେଣୁ ଗୁହାଳକୁ ସୁଖା ଓ ସଫା ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ । | |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ବର୍ଷାଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର । କୁକୁଡ଼ା ଘରକୁ ବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ । | |


| Ms. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima | Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima |
|---|---|

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।